# NATIONAL NEWS BULLETIN (ODIA)

**19 June- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ତିନିଦେଶ ଗସ୍ତ କରି ବିଶ୍ୱଶାନ୍ତିର ବାର୍ତ୍ତା ପ୍ରଚାର କଲେ ପ୍ରଧାନମନ୍ତ୍ରୀ

- ଦୀର୍ଘସୂତ୍ରୀ ପ୍ରତିରକ୍ଷା ସହଯୋଗ ଯୋଜନା ଲାଗି ସମ୍ମତି ପ୍ରକାଶ କଲେ ଭାରତ ଓ କ୍ରୋଏସିଆ

- ଇରାନ୍‌ରୁ ସୁରକ୍ଷିତ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ ୧୧୦ଜଣ ଭାରତୀୟ ଛାତ୍ରଛାତ୍ରୀ ।

- ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ୨୧୧ ଜଣଙ୍କ ମୃତଦେହ ଚିହ୍ନଟ ସୂଚନା ।

- ଦେଶରେ ଆଦିବାସୀ ସମ୍ପ୍ରଦାୟର ଜୀବନଶୈଳୀରେ ପରିବର୍ତ୍ତନ ଲାଗି ଉଦ୍ୟମ କରୁଛନ୍ତି ସରକାର - କହିଲେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ।

ଏବଂ

- ଆସନ୍ତାକାଲିଠାରୁ ଆରମ୍ଭ ହେବ ଭାରତ-ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ କ୍ରିକେଟ ଟେଷ୍ଟ ସିରିଜ୍ ।

# ଡେ ପିଏମ୍ କ୍ରୋଏସିଆ ଭିଜିଟ୍

ଭାରତ ଏବଂ କ୍ରୋଏସିଆ ବିଶ୍ୱଶାନ୍ତି, ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଭାଗିଦାରିତା ଲାଗି ୪ଟି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ଏହିସବୁ ବୁଝାମଣାପତ୍ରଗୁଡ଼ିକ କୃଷି, ସାଂସ୍କୃତିକ ଆଦାନ ପ୍ରଦାନ, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ଓ ଜାଗ୍ରେବ ବିଶ୍ୱବିଦ୍ୟାଳୟରେ ହିନ୍ଦୀ ଚେୟାର ପ୍ରତିଷ୍ଠା ନିମନ୍ତେ ଉଦ୍ଦିଷ୍ଟ । ଉଭୟ ଦେଶ ପ୍ରତିରକ୍ଷା କ୍ଷେତ୍ରରେ ମିଳିତ ପ୍ରଶିକ୍ଷଣ, ସାମରିକ ଆଦାନ ପ୍ରଦାନ ଏବଂ ଶିଳ୍ପ କ୍ଷେତ୍ରରେ ଭାଗିଦାରିତା ଲାଗି ଏକ ଦୀର୍ଘ ସୂତ୍ରୀ ପ୍ରତିରକ୍ଷା ସହଯୋଗ ଯୋଜନା ଲାଗି ସମ୍ମତି ପ୍ରକାଶ କରିଛନ୍ତି । ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ରୋଏସିଆ, କାନାଡା ଏବଂ ସାଇପ୍ରସ ଗସ୍ତ ଶେଷ କରି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

**V/O-PM-Defence Supply Chalan**

କେନ୍ଦ୍ରୀୟ ଏବଂ ଦକ୍ଷିଣ ପୂର୍ବ ୟୁରୋପୀୟ ଦେଶଗୁଡ଼ିକ ଗସ୍ତ କରି ପ୍ରଧାନମନ୍ତ୍ରୀ କ୍ରୋଏସିଆ ପ୍ରତିପକ୍ଷ ଆନ୍ଦ୍ରେଜ୍ ପ୍ଲେଙ୍କୋଭିକ୍‌ଙ୍କ ସହ ପ୍ରତିନିଧି ସ୍ତରୀୟ କଥାବାର୍ତ୍ତା କରିଛନ୍ତି । ଉଭୟ ନେତା ଏକ ମିଳିତ ବିବୃତିରେ ବିଶ୍ୱ ଶାନ୍ତି, ଗଣତାନ୍ତ୍ରିକ ମୂଲ୍ୟବୋଧ, ବାଣିଜ୍ୟ, ପ୍ରଯୁକ୍ତି ବିଦ୍ୟା ଏବଂ ସାଂସ୍କୃତିକ ବିକାଶ କ୍ଷେତ୍ରରେ ଉଭୟ ଦେଶର ପ୍ରତିବଦ୍ଧତା ଦୋହରାଇଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦୀ ଦୃଢ଼ ଭାବେ କହିଛନ୍ତି, ୟୁରୋପ ହେଉ କି ଏସିଆ ମହାଦେଶ, ବିବାଦର ସମାଧାନ ଯୁଦ୍ଧ କ୍ଷେତ୍ରରେ ନୁହେଁ ବରଂ ଆଲୋଚନା ଓ କୂଟନୀତି ମାଧ୍ୟମରେ ସମ୍ଭବ । ଶ୍ରୀ ମୋଦୀ ପ୍ରତ୍ୟେକ ଦେଶର ସାର୍ବଭୌମତ୍ୱକୁ ଭାରତ ସମ୍ମାନ କରେ ବୋଲି କହିଛନ୍ତି ।

ଆତଙ୍କବାଦକୁ ସମାଜ ବିରୋଧି ବୋଲି ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ପହଲଗାମ ଆକ୍ରମଣ ନେଇ କ୍ରୋଏସିଆ ନେତୃତ୍ୱଙ୍କ ସମବେଦନା ଲାଗି ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି, କଠିନ ସମୟରେ ଏହି ସମର୍ଥନ ଉଭୟ ଦେଶ ମଧ୍ୟରେ ପାରସ୍ପରିକ ବିଶ୍ୱାସ ଏବଂ ବନ୍ଧୁତ୍ୱପୂର୍ଣ୍ଣ ମନୋଭାବ ବୃଦ୍ଧି କରିବ ।

**V/O-PM-Terorisim**

ଉଭୟ ନେତା ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି କରିବା ସହିତ ସମର୍ଥିତ ଯୋଗାଣ ବୃଦ୍ଧି ନିମନ୍ତେ ରାଜି ହୋଇଛନ୍ତି । ଔଷଧ, କୃଷି, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଡିଜିଟାଲ୍ ପ୍ରଯୁକ୍ତି ବିଦ୍ୟା, ଶକ୍ତି ଏବଂ ସେମି କଣ୍ଡକ୍ଟର କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି ପାଇବା ନେଇ ଆଲୋଚନା ହୋଇଛି । ଶ୍ରୀ ମୋଦୀ ସାଇବର ସିକ୍ୟୁରିଟି, ଜାହାଜ ନିର୍ମାଣ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗକୁ ପ୍ରାଧାନ୍ୟ ଦେଇଛନ୍ତି ।

# ଅପରେସନ ସିନ୍ଧୁ

ଇରାନ୍‌ର ଉତ୍ତରାଞ୍ଚଳରୁ ୧୧୦ ଜଣ ଭାରତୀୟ ଛାତ୍ରଙ୍କୁ ନେଇ ଆସିଥିବା ବିମାନ ଆଜି ପାହାନ୍ତାରେ ନୂଆଦିଲ୍ଲୀରେ ଅବତରଣ କରିଛି । ଇରାନ୍ ଏବଂ ଇସ୍ରାଏଲ୍ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣକୁ ନେଇ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସ୍ୱଦେଶ ଆଣିବା ଲାଗି କେନ୍ଦ୍ର ସରକାର ଅପରେସନ ସିନ୍ଧୁ ଅଭିଯାନ ଆରମ୍ଭ କରିଛନ୍ତି । ପ୍ରଥମ ପଦକ୍ଷେପ ସ୍ୱରୂପ ତେହେରାନ ସ୍ଥିତ

ଭାରତୀୟ ଦୂତାବାସ ଇରାନ୍‌ର ଉତ୍ତରାଞ୍ଚଳରୁ ୧୧୦ ଜଣ ଛାତ୍ରଙ୍କୁ ଆର୍ମେନିଆ ଦେଇ ସୁରକ୍ଷିତ ଭାବେ ଭାରତ ଆଣିଛନ୍ତି । ସମ୍ପୃକ୍ତ ଛାତ୍ରଛାତ୍ରୀ ମାନେ ସଡ଼କପଥ ଦେଇ ଆର୍ମେନିଆ ରାଜଧାନୀ ୟେରେଭାନ୍‌ରେ ପହଞ୍ଚିଥିଲେ । ସେଠାରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ସେମାନଙ୍କୁ ଅଣାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ୧୧୦ ଜଣ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କାର୍ଯ୍ୟରେ ଇରାନ୍ ଏବଂ ଆର୍ମେନିଆ ସରକାର ସହଯୋଗ କରିଥିବା କହିଛି ।

କେନ୍ଦ୍ର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ କହିଛନ୍ତି ଇରାନରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଲାଗି ୩୫୦ଜଣ ଭାରତୀୟ ନାଗରିକ ଅନୁରୋଧ କରିଛନ୍ତି ।

ଆଜି ମଧ୍ୟ ଏକ ବିମାନରେ ତୁର୍କମେନିସ୍ତାନରେ ଫସି ରହିଥିବା ଭାରତୀୟ ମାନଙ୍କୁ ସ୍ୱଦେଶ ଅଣାଯିବ । ସେ କହିଛନ୍ତି ଭାରତ ସରକାର ଉଦ୍ଧାର ସମୟରେ କଟକଣାବିହୀନ ବାୟୁସୀମା ବ୍ୟବହାର କରୁଛନ୍ତି ।

**V/O (Kirtivardhan)**

ସରକାର ବିଦେଶରେ ରହୁଥିବା ଭାରତୀୟଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଉଛନ୍ତି ଏବଂ ବର୍ତ୍ତମାନ ପରିସ୍ଥିତିରେ ଇରାନ୍‌ରୁ ଭାରତୀୟମାନଙ୍କୁ ସୁରକ୍ଷିତ ଉଦ୍ଧାର ଏବଂ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଲାଗି ଉଦ୍ୟମ କରୁଛନ୍ତି । ତେହେରାନ ସ୍ଥିତ ଭାରତୀୟ ଦୂତାବାସ ସହ ଯୋଗାଯୋଗରେ ରହିବା ଲାଗି ପରାମର୍ଶ ଦିଆଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି । ତେହେରାନ ସ୍ଥିତ ଭାରତୀୟ

ଦୂତାବାସରେ ଖୋଲାଯାଇଥିବା ନିୟନ୍ତ୍ରଣ କକ୍ଷର ନମ୍ବର ହେଉଛି – ୯୮-୯୧୨୮-୧୦୯-୧୧୫, ୯୮-୯୧୨୮-୧୦୯-୧୦୯ । ହ୍ୱାଟସ୍‌ଆପ୍ ନମ୍ବର ହେଉଛି – ୯୮-୯୦୧୦-୪୪-୫୫-୭, ୯୮-୯୦୧୫-୯୯୩-୩୨୦ ଏବଂ ୯୮-୮୦୮୬-୮୭୧-୭୦୯ । ସେହିପରି ନୂଆଦିଲ୍ଲୀରେ ଖୋଲାଯାଇଥିବା ନିୟନ୍ତ୍ରଣ କକ୍ଷ ନମ୍ବର ହେଉଛି – ୮୦୦-୧୧୮-୭୯୭, ୯୧-୧୧-୨୩୦୧-୨୧୧୩, ୯୧-୧୧-୨୩୦୧-୪୧୦୪ ଏବଂ ୯୧-୧୧-୨୩୦୧-୭୯୦୫ । ହ୍ୱାଟସ୍‌ଆପ୍ ନମ୍ବର ହେଉଛି – ୯୧-୯୯୬୮-୨୯୧-୯୮୮ ।

## ଅହମ୍ମଦାବାଦ-ଏୟାର୍ ଇଣ୍ଡିଆ ପ୍ଲେନ କ୍ରାସ

ଅହମ୍ମଦାବାଦରେ ଏୟାର୍ ଇଣ୍ଡିଆ ବିମାନ ଦୁର୍ଘଟଣାରେ ମୃତକଙ୍କ ମଧ୍ୟରୁ ୨୧୧ ଜଣଙ୍କ ଡି.ଏନ୍.ଏ. ଚିହ୍ନଟ କରାଯାଇଛି । ଇତିମଧ୍ୟରେ ୧୮୯ ଜଣଙ୍କ ମୃତ ଦେହ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବା ଅହମ୍ମଦାବାଦ ସିଭିଲ୍ ହସ୍ପିଟାଲ୍‌ର ଅଧିକ୍ଷକ ଡାକ୍ତର ରାକେଶ ଯୋଶୀ ଗଣମାଧ୍ୟମକୁ କହିଛନ୍ତି । ସେ କହିଛନ୍ତି, ଅନେକ ମୃତ ଦେହ ଦଗ୍ଧ ହୋଇଯାଇଥିବା କିମ୍ବା ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାରୁ ସେମାନଙ୍କ ପରିଚୟ ପାଇବା ଲାଗି ଡି.ଏନ୍.ଏ. ନମୁନା ମେଳ କରାଯାଉଛି ।

## ମିନିଷ୍ଟ୍ରି-ଟ୍ରାଇବାଲ ଆଫେୟାର୍ସ

ଦେଶରେ ଆଦିବାସୀ ସଂପ୍ରଦାୟର ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଲାଗି ସରକାର ଉଦ୍ୟମ କରୁଛନ୍ତି । ଆଜି ଆକାଶବାଣୀ ସମ୍ବାଦ ସହ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ତାଙ୍କ ମନ୍ତ୍ରଣାଳୟ ଗତ ୧୧ ବର୍ଷ ମଧ୍ୟରେ ଆଦିବାସୀ ସଂପ୍ରଦାୟ ପାଇଁ ଅନେକ ଗୁଡ଼ିଏ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଲାଗି ମନ୍ତ୍ରଣାଳୟ ସ୍ୱତନ୍ତ୍ର ଯୋଜନାଗୁଡ଼ିକୁ ମଧ୍ୟ ଲାଗୁ କରିଛନ୍ତି । ସାକ୍ଷାତ୍‌କାର ସମୟରେ ମନ୍ତ୍ରୀ ଶ୍ରୀ ଜୁଏଲ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଏହିସବୁ ସ୍କୁଲ ସ୍ଥାପନ ହେବା ଫଳରେ ଏହା ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା କ୍ଷେତ୍ରରେ ଲାଭାନ୍ୱିତ କରିଛି ।

**V/O (Juel Oram Ekalavya)**

ଏହି ସାକ୍ଷାତ୍‌କାର ଆଜି ରାତି ୯ଟା ୩୦ ମିନିଟ୍‌ରେ ୧୦୦ ଦଶମିକ ୧ ଏଫ୍‌ଏମ୍ ଗୋଲ୍ଡ ଚ୍ୟାନେଲ ତଥା ସମସ୍ତ ନେଟୱର୍କରେ ପ୍ରସାରଣ କରାଯିବ । ଆକାଶବାଣୀ ସମାଚାର ୟୁ-ଟ୍ୟୁବ୍ ଚ୍ୟାନେଲ, ନ୍ୟୁଜ୍ ଅନ୍ ଏଆଇଆର୍ ଅଫିସିଆଲରେ ମଧ୍ୟ ଏହା ଉପଲବ୍ଧ ହେବ ।

## ଆସେମ୍ବ୍ଲି ବାଇପୋଲ୍‌ସ

୪ଟି ରାଜ୍ୟରେ ଆଜି ୫ଟି ବିଧାନସଭା ଆସନ ନିମନ୍ତେ ଉପ ନିର୍ବାଚନରେ ଭୋଟ୍‌ଗ୍ରହଣ ଚାଲିଛି । ସୂଚନା ଅନୁଯାୟୀ ଦିନ ୧୧ଟା ସୁଦ୍ଧା ଗୁଜୁରାଟର

ବିଷଭଦାର ଆସନରେ ୨୮ ପ୍ରତିଶତରୁ ଅଧିକ ମତଦାନ ହୋଇଥିବାବେଳେ କାଡି ବିଧାନସଭା ଆସନରେ ୨୪ ପ୍ରତିଶତ ମତଦାନ ହୋଇଛି । କେରଳର ନୀଳାମ୍ବରପୁର ଆସନରେ ୩୦ ପ୍ରତିଶତରୁ ଅଧିକ ମତଦାତା ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିଥିବାବେଳେ ପଞ୍ଜାବର ଲୁଧିଆନା ବିଧାନସଭା ଆସନରେ ୨୧ ପ୍ରତିଶତରୁ ଅଧିକ ମତଦାନ ହୋଇଛି । ପଶ୍ଚିମବଙ୍ଗର କାଳିଗଞ୍ଜ ବିଧାନସଭା ଆସନରେ ୩୧ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି । ଆସନ୍ତା ସୋମବାର ଦିନ ଏହି ସମସ୍ତ ଉପନିର୍ବାଚନର ଭୋଟ୍‌ଗଣତି ହେବ ।

## ବାଂଲାଦେଶୀ ଆରେଷ୍ଟେଡ୍

ତାମିଲନାଡୁର ତିରିପୁରରୁ ପୋଲିସ ୨୬ଜଣ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରିଛି । ସଂପୃକ୍ତ ବାଂଲାଦେଶୀ ନାଗରିକମାନେ ଅବୈଧ ଭାବେ ତାମିଲନାଡୁରେ ରହୁଥିଲେ । ନକଲି ଆଧାରକାର୍ଡ ଜରିଆରେ ସେମାନେ ଶ୍ରମିକଭାବେ କାର୍ଯ୍ୟ କରୁଥିବା ଜଣାପଡିଛି । ଏହି ଘଟଣାର ତଦନ୍ତ ଲାଗି ନିର୍ଦ୍ଦେଶ ଦିଆଯାଇଥିବା କୁହାଯାଉଛି ।

## ବିହାର ରେଡ୍ସ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ନିଟ୍ ଏମ୍‌ବିବିଏସ୍ ପ୍ରବେଶିକା ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ବିହାରର ପାଟନା ଏବଂ ରାଞ୍ଚିର ଅନେକଗୁଡ଼ିଏ ସ୍ଥାନରେ ଚଢ଼ଉ କରିଛି । ସୂଚନା ଅନୁଯାୟୀ ଏହି ପ୍ରଶ୍ନପତ୍ର ପ୍ରଘଟ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ କୁହାଯାଉଥିବା ସଞ୍ଜୀୟ ମୁଖିଆ ଏବଂ ଅନ୍ୟମାନଙ୍କ କାର୍ଯ୍ୟାଳୟ ଓ ବାସଗୃହରେ ଚଢ଼ଉ ଏବଂ ଖାନ୍‌ତଲାସୀ କରାଯାଉଥିବା ଜଣାପଡିଛି । ଅଭିଯୁକ୍ତ ମୁଖିଆ ଅନ୍ୟକେତେକ ପ୍ରତିଯୋଗିତାମୂଳକ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ସଂପୃକ୍ତ ଥିବା ଜଣାପଡିଛି । ଚଳିତବର୍ଷ ଏପ୍ରିଲ ମାସରେ ବିହାର ପୁଲିସ ମୁଖିଆକୁ ଗିରଫ କରିଥିଲା ।

## ପିଏମ୍ ପୁନେ ଆକ୍ସିଡେଣ୍ଟ

ମହାରାଷ୍ଟ୍ର ପୁନେର ଜେଜୁରୀ-ମୋରଗାଓଁ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି । ଏହି ଘଟଣାରେ ସେ ପ୍ରତ୍ୟେକ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠିରୁ ୨ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି । ଦୁର୍ଘଟଣାରେ ଆହତ ଲୋକଙ୍କ ପାଇଁ ୫୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ପ୍ରଧାନମନ୍ତ୍ରୀ ମୋଦୀ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ଗତ ସଂଧ୍ୟାରେ ପୁନେରେ ଘଟିଥିବା ଏହି ଦୁର୍ଘଟଣାରେ ୮ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ଜଣ ଗୁରୁତର ଆହତ ହୋଇଛନ୍ତି ।

## ଇଣ୍ଡିଆ-ଇଂଲଣ୍ଡ ଟେଷ୍ଟ

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ କ୍ରିକେଟ୍ ଟେଷ୍ଟ ସିରିଜ୍ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଲିଡ୍‌ସର ହେଡିଙ୍ଗଲି କ୍ରିକେଟ ଗ୍ରାଉଣ୍ଡରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହେବ । ବିରାଟ କୋହଲି ଏବଂ ରୋହିତ ଶର୍ମା ଟେଷ୍ଟ୍ର କ୍ରିକେଟରୁ ଅବସର ଘୋଷଣା କରିବା ପରେ ଏହି ସିରିଜ୍‌ରେ ଶୁଭମନ ଗିଲ୍ ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି । ସିରିଜ୍ ଆରମ୍ଭ ହେବା ପୂର୍ବରୁ ଉପଅଧିନାୟକ ରିଷଭ ପନ୍ତ କହିଛନ୍ତି ଏହି ସିରିଜ୍‌ରେ ଭାରତ ଉନ୍ନତ ଖେଳ ପ୍ରଦର୍ଶନ କରିବ । ସେ କହିଛନ୍ତି କୋହଲି ଏବଂ ରୋହିତ ଅବସର ନିଶ୍ଚିତ ଭାବରେ ଶୂନ୍ୟସ୍ଥାନ ସୃଷ୍ଟି କରିବ । ତେବେ ଅନ୍ୟ ସମସ୍ତ ଖେଳାଳି ଉତ୍ତମ ପ୍ରଦର୍ଶନ କରିବେ ବୋଲି ସେ ଆଶା ରଖିଛନ୍ତି ।